DOI : https://doi.org/10.5281/zenodo.13705629 ମୂଳ ପ୍ରବନ୍ଧ

# 'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପ ସଙ୍କଳନ ଓ ମାନବ ଜୀବନ

**ହିତେଶ୍ ବେହେରା**

**ସାରାଂଶ :**

ସ୍ୱାଧୀନତା ପରବର୍ତ୍ତୀ ସମୟର ଜଣେ ପ୍ରଖ୍ୟାତ ଗୌରବୋଜ୍ଜ୍ୱଳ ପ୍ରତିଭାଦୀପ୍ତ ସ୍ରଷ୍ଟା ହେଉଛନ୍ତି ଗାଳ୍ପିକ ହୃଷୀକେଶ ପଣ୍ଡା । ତାଙ୍କ ରଚିତ ଆଠଗୋଟି ଗଳ୍ପ ସଙ୍କଳନ ମଧ୍ୟରୁ 'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପ ସଙ୍କଳନ ଆଲୋଚନାର ପରିସରଭୁକ୍ତ । ଜୀବନର ସବୁ ଦିଗ ସାହିତ୍ୟରେ ପ୍ରକାଶିତ । ଆମେ ସାହିତ୍ୟ ଭିତରେ ଜୀବନକୁ ଖୋଜିଥାଉ ଏବଂ ଅନୁଭବ କରିଥାଉ ତାହାର ଭାବକୁ ଓ ଚେତନାକୁ । ମଣିଷର ଜୀବନକୁ ସାହିତ୍ୟ ହିଁ ପ୍ରତ୍ୟକ୍ଷ ଭାବରେ ପ୍ରଭାବଶାଳୀ କରି ଆସିଛି । ଏହି ଦୃଷ୍ଟିରୁ 'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପ ସଙ୍କଳନରେ ନିହିତ ମାନବ ଜୀବନକୁ ଆବିଷ୍କାର କରିବାର ପ୍ରୟାସ କରାଯାଇଛି ।

**ମୂଳ ଶବ୍ଦ :** ଗଳ୍ପ, ଜୀବନ, ସାହିତ୍ୟ, ମଣିଷ, ଶୂନ୍ୟତା, ବାସ୍ତବ, ଅସହାୟ, ସମୟ, ପାଶ୍ଚାତ୍ୟ ।

ସାହିତ୍ୟ କଳାରେ ନୁହେଁ ସବୁବେଳେ କାଳରେ ବଂଚେ । ସାହିତ୍ୟର ନାନାବିଧ ବିଭାଗ ମଧ୍ୟରୁ ସଂକ୍ଷିପ୍ତରେ ବ୍ୟଞ୍ଜନାଧର୍ମୀ କରି ଭାବକୁ ବଳିଷ୍ଠ ରୂପ ପ୍ରଦାନ କରେ ଗଳ୍ପ ସାହିତ୍ୟ । ଗାଳ୍ପିକ ନିଜର ଅନୁଭୂତିସିଦ୍ଧ ଅଭିଜ୍ଞତାକୁ ଅଭିବ୍ୟକ୍ତି ମାଧ୍ୟମରେ ପାଠକ ଆଗରେ ଆଣି ଥୋଇ ଦିଅନ୍ତି । ବିଗତ ଚାଳିଶ ବର୍ଷ ଭିତରେ ଜଣେ ବଳିଷ୍ଠ କଥାକାର ହେଉଛନ୍ତି ହୃଷୀକେଶ ପଣ୍ଡା । ଗଳ୍ପ ସର୍ଜନାର ଅନନ୍ୟ ରୂପକାର ଭାବରେ ଗାଳ୍ପିକ ପଣ୍ଡାଙ୍କର ପ୍ରସିଦ୍ଧି ରହିଛି । ତାଙ୍କ ଗଳ୍ପରେ କେବଳ ଶବ୍ଦର ବସାଣ ନାହିଁ, ଅଛି ସେଥିରେ ମନୁଷ୍ୟର ସମ୍ବେଦନଶୀଳତା, ସୂକ୍ଷ୍ମ ଭାବର ସ୍ଥିତିସ୍ଥାପକତା ଏବଂ ସୀମିତ ଶବ୍ଦରେ ଥାଏ ସହଜ ସରଳ ଭାଷାର ମନ୍ମୟତା । ସାମ୍ପ୍ରତିକ ସମୟର ଜଣେ ସୁନାମ ଲେଖକ ରୂପେ ପାଠକ ମହଲରେ ତାଙ୍କର ସ୍ୱତନ୍ତ୍ର ପରିଚିତି ରହିଛି ।

୧୯୮୦ ମସିହା ସମୟର ଜଣେ ଚେତନାଦୀପ୍ତ ସ୍ରଷ୍ଟା ହେଉଛନ୍ତି ଗାଳ୍ପିକ ହୃଷୀକେଶ ପଣ୍ଡା । ୧୯୭୯ ମସିହାରେ ସର୍ବଭାରତୀୟ ସ୍ତରରେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ପ୍ରଥମ ହୋଇ ଓଡିଶାରେ ଯୋଗଦାନ କରନ୍ତି । କର୍ମମୟ ଜୀବନରେ ବ୍ୟସ୍ତ ଥାଇ ବି ସେଥିରୁ ଯଥୋଚିତ ସମୟ ବାହାର କରି ଓଡିଆ ସାହିତ୍ୟକୁ ଭେଟି ଦିଅନ୍ତି ନଅଗୋଟି ଉପନ୍ୟାସ, ଆଠଗୋଟି ଗଳ୍ପ ସଙ୍କଳନ ଓ ଚାରିଗୋଟି ନାଟକ । ଔପନ୍ୟାସିକ ଭାବରେ 'ସୁନାପୁଟର ଲୋକେ' ଓ 'ଗର୍ବ କରିବାର କଥା' ପାଇଁ ଚର୍ଚ୍ଚାରେ ରହିଛନ୍ତି । ୨୦୧୨ ମସିହାରେ ଗର୍ବ କରିବାର କଥା ନିମନ୍ତେ ଶାରଳା ସମ୍ମାନରେ ସମ୍ମାନିତ । ଗାଳ୍ପିକ ପଣ୍ଡାଙ୍କର ଗଳ୍ପଗୁଡିକ ମଧ୍ୟରେ ରହିଛି–'ବାହାରେ ଛିଡା ହୋଇଥିବା ଲୋକ'(୧୯୮୨), 'ରେବତୀ'(୧୯୮୩), 'ରାଜପୁତ୍ର'(୧୯୮୭), 'ସାହାବ ଦେବତା'(୧୯୮୯),'ପ୍ରୌଢ

**ଯୋଗାଯୋଗ :**
**ହିତେଶ୍ ବେହେରା,** ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର -୯
**E-Mail ID:** beherahitesh37@gmail.com
**ORCID ID:** https://orcid.org/0009-0000-1483-9753

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୬.୨୦୨୪ | ୧୭.୭.୨୦୨୪ | ୨୫.୭.୨୦୨୪ | ୧.୯.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, ହିତେଶ୍; ୨୦୨୪ । 'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପ ସଙ୍କଳନ ଓ ମାନବ ଜୀବନ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଚ, ପୃଷ୍ଠା :୩୫-୩୮ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.13705629
Article No - BPPP00222

ଭାବନା'(୧୯୯୨) , 'ଶୂନ୍ୟତାର ପାଶ୍ଚାତ୍ୟକୁ' (୧୯୯୪), 'ବୟସ୍କଙ୍କ ପାଇଁ ଶିଶୁ କାହାଣୀ'(୧୯୯୪) ,'ମିଛ ଖୁସି ସତ ଦୁଃଖ' (୨୦୦୫)ଇତ୍ୟାଦି । ୧୯୯୫ ମସିହାରେ 'ପ୍ରୌଢ଼ ଭାବନା' ଗଳ୍ପ ସଙ୍କଳନ ପାଇଁ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ । ହୃଷୀକେଶ ପଣ୍ଡାଙ୍କର ଗଳ୍ପ ସମ୍ପର୍କରେ ଆଲୋଚକ କହନ୍ତି -''ସାଂପ୍ରତିକ ସମାଜର ପରିବର୍ତ୍ତିତ ମୂଲ୍ୟବୋଧ , ଓଡିଶାର ବଣ ପାହାଡ ଘେରା ଅଂଚଳର ଆଦିବାସୀଙ୍କ ଜୀବନର ପୀଡିତ ଅସହାୟ ଚିତ୍ର , ସ୍ଥିତିଶୀଳ ମଣିଷର ନିଃସଙ୍ଗତାବୋଧ ମଧ୍ୟରେ ଜୀଜୀବିଷାର ମୋହ ତାଙ୍କ ପ୍ରମୁଖ ଗଳ୍ପର କଥାବସ୍ତୁ ଭାବରେ ପ୍ରତିପନ୍ନ ହୋଇ ପାରିଛି ... ବାସ୍ତବ ସମାଜ ଭିତରେ ଅତିବାସ୍ତବ ଜୀବନର ଅନୁସନ୍ଧାନ ଏବଂ ଏକ କଳ୍ପିତ ଆଦର୍ଶବୋଧ ଶିଳ୍ପୀଙ୍କ ଗଳ୍ପ ସମୂହର ଆଭିମୁଖ୍ୟ ଭାବରେ ପ୍ରକଟିତ ହୁଏ ।''(୧) ।କଥାକାର ହୃଷୀକେଶ ପଣ୍ଡାଙ୍କର 'ଶୂନ୍ୟତାର ପାଶ୍ଚାତ୍ୟକୁ' ଗ୍ରନ୍ଥ ସୃଷ୍ଟି ସମ୍ଭାର ଭିତରୁ ଏକ ଅନନ୍ୟ ଗଳ୍ପ ସଙ୍କଳନ । ଏଥିରେ ବାସ୍ତବ ସତ୍ୟର ଉଦ୍ଘାଟନ ସହିତ ସୂକ୍ଷ୍ମ ଜୀବନ ଦର୍ଶନ ଚମତ୍କାର ଢଙ୍ଗରେ ପ୍ରତିଫଳିତ । ପନ୍ଦର ଗୋଟି ଗଳ୍ପ ଏ ସଙ୍କଳନରେ ସଙ୍କଳିତ ହୋଇଛି । ଶୂନ୍ୟତାର ପାଶ୍ଚାତ୍ୟକୁ ଗଳ୍ପ ପୁସ୍ତକରେ ରହିଥିବା ମାନବୀୟ ଦୃଷ୍ଟିଭଙ୍ଗୀକୁ ଆକଳନ କରି ପାଠକ ସମାଜକୁ କିଂଚିତ୍ ଧାରଣା ଦେବାର ପ୍ରୟାସ ଏହି ଆଲେଖ୍ୟର ମୁଖ୍ୟ ଉଦ୍ଦେଶ୍ୟ ।

## 'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପ ସଙ୍କଳନ ଓ ମାନବ ଜୀବନ

ସ୍ରଷ୍ଟା ସବୁବେଳେ ନିଜ ଜୀବନାନୁଭୂତିର ଅଭିଜ୍ଞତାକୁ ଲେଖନୀ ମୁନରେ ପ୍ରକାଶ କରନ୍ତି । ବାସ୍ତବ ଜୀବନରେ ଅନୁରଣିତ ହେଉଥିବା ସତ୍ୟକୁ ଉନ୍ମୋଚନ କରିବା ସଙ୍ଗେ ସଙ୍ଗେ ଉକ୍ତ ଲେଖାର ପ୍ରଚ୍ଛଦ ପଟରେ ମାନବୀୟ ଦୃଷ୍ଟିକୋଣ ନିହିତ ରହିଥାଏ । ମାନବର ଜୀବନ ହେଉଛି ବୈଚିତ୍ର୍ୟମୟ । ମଣିଷର ମଣିଷ ପ୍ରତି ଥିବା ସମ୍ବେଦନଶୀଳତା, ଜୀବନର ବିଭିନ୍ନ ପ୍ରକାର ଅସହାୟତା , ଅନ୍ତର୍ମନର ଭାବୁକତା ଆଦି ସୂକ୍ଷ୍ମ ଭାବରେ ଅଙ୍କିତ ହୁଏ । ଏଇ ପରିପ୍ରେକ୍ଷୀରେ ଗାଳ୍ପିକ ହୃଷୀକେଶ ପଣ୍ଡାଙ୍କ 'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପ ସଙ୍କଳନରେ ରୂପାୟିତ ମାନବ ଜୀବନର ଆଲୋଚନା ବିଚାରଯୋଗ୍ୟ ।

'କେତୋଟି ଭଙ୍ଗା ଚଉତା ରମ୍ବସ୍' ଗଳ୍ପରେ ଯୁଯୁସ୍ତୁର ପିତାମାତାଙ୍କ ସବୁକିଛି ଥିବା ସତ୍ତ୍ୱେ ପ୍ରତିଷ୍ଠିତ ହେବାର ତୀବ୍ର ଆକାଂକ୍ଷା ତାଙ୍କ ପତନର କାରଣ ପାଲଟିଛି । ଯୁଯୁସ୍ତୁର ବାପା ଆସାମର ଏକ ଚା ବଗିଚାରେ ଚାକିରି କରି ଭଲ ଦରମା ପାଇଛନ୍ତି । ମାତ୍ର ସେଥିରେ ସନ୍ତୁଷ୍ଟ ନ ହୋଇ ତାମିଲନାଡୁର ଏକ ସିମେଂଟ କାରଖାନାରେ ଚାକିରି କରିଛନ୍ତି । ଏଥିରେ ମଧ୍ୟ ତାଙ୍କର ଲାଳସା ମେଂଟି ପାରିନି , ସେ ମନେ ଅନୁଭବ କରିଛନ୍ତି ଯେ, ଯଦି ଶିଳ୍ପ ପ୍ରତିଷ୍ଠା କରାଯାଏ ତେବେ ଅଧିକରୁ ଅଧିକ ଧନଶାଳୀ ହେବା ସହ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବରେ ବିବେଚିତ ହୋଇପାରିବେ । ଏହି ଭାବନାକୁ କାର୍ଯ୍ୟକାରୀ କରିବାକୁ ଯାଇ ନିଃସ୍ୱ ହୋଇ ଯାଇଛନ୍ତି । ଶେଷରେ ଏପରି ପରିସ୍ଥିତି ଆସି ପହଂଚିଛି ଯେ , ତାଙ୍କ ହୃଦ୍ ଯନ୍ତ୍ରଣା ଚିରଦିନ ପାଇଁ ବନ୍ଦ ହେବା ଆଗରୁ ଆମ୍ବୁଲାନ୍ସ ପହଂଚି ପାରିନାହିଁ । ମଣିଷର ତୀବ୍ର ଉଚ୍ଚାକାଂକ୍ଷା କେତେ ଭୟଙ୍କର ତାହା ଏଇ ଗଳ୍ପରୁ ଅନୁମିତ । ମଣିଷକୁ ଯେତିକି ମିଳେ ସେ ସେତିକିରେ କେବେ ବି ସନ୍ତୁଷ୍ଟ ହୋଇ ନ ଥାଏ ,ଆହୁରି କିପରି ଅଧିକ ଧନ ସମ୍ପଦ , ସମ୍ମାନ ଆଦିର ଅଧିକାରୀ ହୋଇପାରିବ ସବୁବେଳେ ଚିନ୍ତିତ ଥାଏ । ଏଣୁ ବ୍ୟକ୍ତିବିଶେଷ ଯଦି ଏହାକୁ ନିୟନ୍ତ୍ରଣ ନ କରନ୍ତି, ତେବେ ଜୀବନ ଜ୍ୟାମିତିର ଭଙ୍ଗା ଚଉତା ରମ୍ବସ୍ ତୁଲ୍ୟ ନିଃସନ୍ଦେହରେ ଭାଙ୍ଗି ପଡିବ ।

'ଔରସ୍ୟ' ଗଳ୍ପରେ ଆର୍ମି ଅଫିସର ଆରଣ୍ୟକର ସଂସାର ଓ ସୈନ୍ୟ ଶିବିରରେ ଉପୁଜ ଥିବା ସମସ୍ୟାରେ ସେ ଛନ୍ଦି ହୋଇ ଯାଇଛି । ଗୋଟିଏ ପଟରେ ସମୟ ଦେଇ ନ ପାରିବା ହେତୁ ତାହାର ପରିବାର ଉଜୁଡି ଗଲାଣି ଏବଂ ଅନ୍ୟ ପଟରେ ସୈନ୍ୟ ଶିବିରରେ ବନ୍ଧୁକ ଚୋରିର ଆରୋପ । ଆରଣ୍ୟକର ସ୍ତ୍ରୀ ତା ନିକଟରୁ ଝିଅ ଇନ୍ଦୁକୁ ଦୂରେଇ ଦେଇଛି । ପିଲାଟି ପଳେଇ ଯାଇଛି ଏକଥା ବସି ବସି ସେ ଭାବୁଛି - '' ପିଲାଙ୍କୁ ଥରେ ଚାଲିବାକୁ ଶିଖେଇ ଦେଲେ , ସେମାନେ ଚାଲି ଯାଆନ୍ତି , ଆଉ ଫେରନ୍ତି ନାହିଁ । କେହି କାହା ପାଇଁ ବଂଚେ ନାହିଁ , କେହି କାହାପାଇଁ ମରେ ନାହିଁ । ବଂଚିବା ପୋଖରୀରେ ଗାଧୋଇବା ପରି ନୁହେଁ , ନଈରେ ଗାଧୋଇବା ପରି । କେହି ସେଇ ନଈରେ ଦୁଇଥର ଗାଧୋଇପାରେ ନାହିଁ , କାରଣ ଦ୍ୱିତୀୟ ଥର ଗାଧୋଇବା ବେଳକୁ ପ୍ରଥମ ଥରର ପାଣି ତଳକୁ ବୋହି ଯାଇଥାଏ । ''(୨) । ଏଠି କେହି ନିଜର ନୁହଁନ୍ତି , ସବୁକିଛି ଏକା ସଂଘର୍ଷ କରିବାକୁ ପଡିଥାଏ । ସବୁ କାମକୁ ଉପଯୁକ୍ତ ସମୟ ଦେବା ବାଞ୍ଛନୀୟ ନ ହେଲେ ଆରଣ୍ୟକ ଭଳି ଜୀବନ ବଂଚିବାକୁ ହେବ । ମଣିଷର ନିଃସଙ୍ଗତା ଓ ତତ୍‌ଜନିତ ଅସହାୟତା କେତେ କରୁଣ ତାହା ପ୍ରମାଣିତ ।

'ପୂଜନୀୟ ଭଗବାନ' ଗଳ୍ପରେ ରୋଜି ଓରଫ୍ ରୋହିତକୀ ନାମ୍ନୀ ଚରିତ୍ର ଭଗବାନଙ୍କୁ ଚିଠି ମାଧ୍ୟମରେ ନିଜର ଅସହାୟତାକୁ ପ୍ରକାଶ କରିଛି । ତା ହୃଦୟ ଭିତରେ ରହିଥିବା ଅବ୍ୟକ୍ତ ଭାବନାକୁ ଚିଠିରେ ଲେଖିଛି ଯାହାକୁ ଅନ୍ୟ ଆଗରେ କହିବା ଅସମ୍ଭବ ମନେ କରିଛି । ମଣିଷ ଯେତେବେଳେ ଅସହାୟ, ନିରୁପାୟ ଓ ଯିବାର ସବୁ ମାର୍ଗ ବନ୍ଦ ହୋଇଯାଏ ,ସେତିକିବେଳେ ଭଗବାନଙ୍କ ଆଶ୍ରିତ ହୋଇଥାଏ । ଅନୁରୂପ ଭାବରେ ପ୍ରଥମ ଜ୍ଞାନପୀଠ ପୁରସ୍କାର ବିଜେତା ଗୋପୀନାଥ ମହାନ୍ତିଙ୍କ ଚର୍ଚ୍ଚିତ ଉପନ୍ୟାସ 'ଲୟ ବିଲୟ'ରେ ଜଗନ୍ନାଥ ଦର୍ଶନ ନିମନ୍ତେ ତିନି ଦିନର ଛୁଟି ନେଇ ପରିବାର ସହ ଆସିଥିବା ତରୁଣ ରାୟ ଆପଣାର ବହୁ ଦିନର ସଂଚିତ ଦୁଃଖ, ଯନ୍ତ୍ରଣା ଅସହାୟ ଆଦିକୁ ଜଗନ୍ନାଥଙ୍କୁ ଜଣାଇ କହୁଛି - ''ଜଗନ୍ନାଥ, ଜଗନ୍ନାଥ ଦେଖି

ପାରୁଛ ତୁମେ ମୋତେ ? କାହିଁ ନିଖିଳ ବିଶ୍ୱର ଅର୍ବୁଦ ଅର୍ବୁଦ ପ୍ରାଣୀମାନଙ୍କ ମଧ୍ୟରେ କ୍ଷୁଦ୍ର ନଗଣ୍ୟ ନଗଣ୍ୟ ଭଗ୍ନସ୍ୱାସ୍ଥ୍ୟ ହୋଇ ଗୋଟିଏ ମନୁଷ୍ୟର, ଏ ବିଶାଳ ସଂସାର ଭିତରେ ତାର ବସତି ଦେଖି ପାରୁଛ ପ୍ରଭୁ ଧୂଳିକଣାକୁ ଆଉ ତାର ଦୁଃଖକୁ ।''(୩) ।

'ରବିନ୍‌ସନ୍‌କ୍ରୁସୋ ,ଆଉଥରେ' ଗଳ୍ପରେ ଯଯାତି ତିମା ନାମକ ବିବାହିତା ନାରୀ ସହିତ ଅବାଧ ମିଳାମିଶା କରିଛି । ସ୍ୱାମୀର ଦେହାବସାନ ପରେ ବି ଏ କୁକର୍ମରୁ ତିମା ବିରତ ହୋଇନାହିଁ । ମାତ୍ର ପରେ ତାହାର ଜ୍ଞାନଦୋୟ ହୋଇଛି ସେ ଏଥିରୁ ଦୂରେଇ ଯାଇଛି । ସେହିପରି ସୁରେନ୍ଦ୍ର ମହାନ୍ତିଙ୍କ ନୀଳଜ୍ୟୋସ୍ନା ଗଳ୍ପରେ ଏହି ଦୃଶ୍ୟ ଅନୁରଣିତ । କଲ୍ୟାଣୀ ଚରିତ୍ର ବିବାହିତା ହୋଇ ମଧ୍ୟ କୁତ୍ସିତ ପ୍ରଣୟକୁ ପ୍ରଶୟ ଦେଇଛି । ବିବାହ ସମ୍ପର୍କରେ ମନ୍ତବ୍ୟ ଦେଇ କହୁଛି – ''ବିବାହ ଏକ ଉଦ୍ଦେଶ୍ୟହୀନ ଦାୟିତ୍ୱ ଏଥିରେ ମାତୃତ୍ୱର କ୍ଷୁଧା ମୋର ଶାନ୍ତ ହୋଇ ପାରିଥାଏ , ମାତ୍ର ମନ ମୋର ତୃଷାରତ୍ତ , ମୋର ନାରୀତ୍ୱ କ୍ଷୁଧାରତ୍ତ'' (୪) । ସେହିପରି ପ୍ରଜ୍ଞା ପୁରୁଷ ମନୋଜ ଦାସଙ୍କ ବିଷ କନ୍ୟାର କାହାଣୀ ଗଳ୍ପରେ ଏହି ଯୌନ ବିଳାସର ଦୃଶ୍ୟ ଚିତ୍ରିତ । ହୀରା ଦେହ ବ୍ୟବସାୟରେ ନିଜକୁ ନିମ୍ନଜ୍ଜିତ ରଖିଛି, ଅନେକ ଲୋକ ତାକୁ ଉପଭୋଗ କରିବା ପାଇଁ ଆସିଛନ୍ତି । ମାତ୍ର ତାହାର ଅନ୍ତର୍ମନକୁ ଲଣ୍ଡା ପୂଜାରୀ ବ୍ୟତୀତ ଆଉ କେହି ବୁଝିପାରି ନାହାନ୍ତି । ସେ ବେଳେବେଳେ କାନ୍ଦେ ଆଉ ଅନୁଭବ କରେ – ''ଏଇ କ୍ରନ୍ଦନ ବାୟୁ ମଣ୍ଡଳର ଅଦୃଶ୍ୟ କୀଟାଣୁ ଭଳି । ସେ ଅନୁଭବର ଅସ୍ତିତ୍ୱ ଅଛି ; ଅଥଚ ପ୍ରକାଶ ନାହିଁ , ଆଉ ଅର୍ଥ ବଡ ଧୂଆଁଳିଆ ।''(୫) । ବାସ୍ତବ ସତ୍ୟକୁ ବୁଝିବା ପରେ ହୀରା ନିଜକୁ ଏ କୁତ୍ସିତ ପ୍ରବୃତ୍ତିରୁ ସୁରକ୍ଷିତ ରଖିଛି । ତାର ଏ ଯୌନ ବିଳାସ, କାମନାକୁ ଚରିତାର୍ଥ କରିବା ପାଇଁ ନୁହେଁ, ଜୀବନ ବଂଚିବା ପାଇଁ । ସେହିପରି ତିମା ଓ କଲ୍ୟାଣୀ ମଧ୍ୟ ସମାଜ ଭୟରୁ ଏ ପ୍ରଣୟରୁ ଅହରି ଯାଇଛନ୍ତି । ଯୁଗେ ଯୁଗେ ଭାରତୀୟ ଜୀବନାଦର୍ଶ ପରକୀୟା ପ୍ରୀତିକୁ ଘୃଣା କରି ଆସିଛି । ତିମା ଯେ ସମାଜ, ସଂସ୍କାରର ଏକ କଳଙ୍କିତ ଅଧ୍ୟାୟ ଏହା ଗାଳ୍ପିକ ପଣ୍ଡା ସ୍ପଷ୍ଟ କରିଦେଇଛନ୍ତି ।

'ବନସାଇ' ଗଳ୍ପରେ ଚାରିବର୍ଷ ବୟସରୁ ବନସାଇ ପିତାମାତାଙ୍କୁ ହରାଇ , ମାମୁ ମାଇଁଙ୍କ ଦ୍ୱାରା ପ୍ରତିପାଳିତ ହୁଏ । ମାତ୍ର ଭାଗ୍ୟର ବିଡମ୍ବନା ହେତୁ ସେ ହୋଇଛି ବାମନ, ସେ ପଢି ଜାଣେ ନାହିଁ ଲେଖି ଜାଣେ ନାହିଁ ବୋଲି ଚାରିଆଡେ ଉପହାସର ପାତ୍ର ହୋଇଛି । ତା ମନ ବି ଅନ୍ୟମାନଙ୍କ ପରି ବାହାରକୁ ଯାଇ ରୋଜଗାର କରିବାକୁ ଚାହିଁଛି । ସିନେମାରେ ମିଶିବା ପାଇଁ ବମ୍ବେ ଯାଇଛି, ମାତ୍ର କିଛି ଲାଭ ହୋଇ ନାହିଁ ଫେରି ଆସିଛି । ତାଙ୍କ ଅଂଚଳରେ ହେଉଥିବା ପ୍ରୋଗ୍ରାମ୍ ପାର୍ଟିକୁ ଯାଇଥିବା ବେଳେ ଗୋଟେ ଗୀତ ଗାଉଥିବା ଝିଅଟି ଆସି ବନସାଇକୁ ବିବାହ ପ୍ରସ୍ତାବ ଦେଇଛି । ବନସାଇର ଖୁସି କହିଲେ ନ ସରେ , ତାକୁ ଏପରି ଆଗରୁ କେହି କହି ନ ଥିଲେ । ଏଣୁ ମନେ ମନେ ଖୁବ୍ ଆନନ୍ଦିତ ,କିନ୍ତୁ ଯେତେବେଳେ ଜାଣିଛି ଯେ, ସେଇ ଝିଅଟି ତାକୁ ଉପହାସ କରିବା ପାଇଁ ଏ ସବୁ କହିଛି ବନସାଇକୁ ଲାଗିଛି ଶକ୍ତ ଝଟ୍‌କା । ସେ ସେଇ ଗୀତ ଗାଉଥିବା ଝିଅ ଲାଗି ଯେତିକି ଦୁଃଖୀ ହୋଇ ନାହିଁ ତା ଠାରୁ ଅଧିକ ଦୁଃଖୀ ହୋଇଛି ବିଶ୍ୱାସଘାତକ ଓ ଦର୍ଶକମାନଙ୍କ ହସ ଏବଂ ତାଳିରେ । ବନସାଇ ଅନୁଭବ କରିଛି –'' ମୋର ଦେହ ପୃଥିବୀର ସବୁଠୁ ପ୍ରାପ୍ତ ବୟସ୍କ ଛୋଟ ଦେହ ହୋଇପାରେ ; ହେଲେ , ମୋର ହୃଦୟ ଛୋଟ ନୁହେଁ , ସାଧାରଣ ଲୋକର ହୃଦୟ ପରି , ତା ଭିତରେ ଗୋଟେ ବର୍ଷା ଋତୁଯାକର ବର୍ଷା ପରି ଲୁହ ।'' (୬) । ମଣିଷକୁ ଉପହାସ କଲେ ଅଥବା ତା ଭାବନା ସହିତ ଖେଳିଲେ ସେ ପୁରାପୁରି ଭାଙ୍ଗିପଡେ । ସେ ବ୍ୟକ୍ତି ନିସ୍ତେଜ ହୋଇଯାଏ , ସକ୍ରିୟ ହେବା ଆଗରୁ ସ୍ଥାଣୁ ପାଲଟିଯାଏ । ଏ ଗଳ୍ପରେ ଆଉ ଏକ ଚମତ୍କାର ଜିନିଷ ହେଲା ବନସାଇର ଦୃଢ ମନୋବଳ , ତାର ଅନ୍ତର୍ଭାବନା ଏକାନ୍ତ ବଳିଷ୍ଠ ଯାହା ଗଳ୍ପଟିକୁ କରିଛି ଋଦ୍ଧିମନ୍ତ ।

ଆଜି ଏକବିଂଶ ଶତାବ୍ଦୀର ମଣିଷ ଜୀବନ ସଂକଟମୟ । କେତେବେଳେ କେଉଁ ଆଡୁ ବିପଦ ଆସି ଉପସ୍ଥିତ ତାହା ଆମର ହୃଦ୍‌ବୋଧ ମଧ୍ୟ ହୁଏ ନାହିଁ । ଏଣୁ ଆତ୍ମସଚେତନ ନିତାନ୍ତ ଜରୁରୀ ମନେ ହୁଏ । ଏ ଜୀବନ ସଂଘର୍ଷପୂର୍ଣ୍ଣ କେଉଁ କାର୍ଯ୍ୟ ସ୍ୱଇଚ୍ଛାରେ ଆଉ କେଉଁ କାର୍ଯ୍ୟ ଅନିଚ୍ଛା ହେଲେ ବି କରିବାକୁ ପଡେ । 'ବଂଚିବାର ବାଧ୍ୟବାଧକତା'ରେ ଗଳ୍ପରେ ଗାଳ୍ପିକ ଯେଉଁ ସହରକୁ ଯାଇଛନ୍ତି ଦଶବର୍ଷ ପୂର୍ବରୁ ତାହା ଥିଲା ଆତଙ୍କବାଦୀ ପ୍ରବଣ ଅଂଚଳ । ଏଥର ଗଲାବେଳେ ବି ସେଇ ଆତଙ୍କବାଦୀଙ୍କ ଉପଦ୍ରବ ରହିଛି । ସେ ମିସେସ୍ ଶର୍ମା ଓ ମିସେସ୍ ନାଗରାଜନ୍‌ଙ୍କ ସହ ମିଶି ରାତିରେ ସହର ବୁଲି ବାହାରିଛନ୍ତି । ତାଙ୍କୁ ଏକ ଧମକ ଆସିଛି ପଚିଶଶହ ଡଲାର ଦେବାକୁ । ସେ ଆତଙ୍କବାଦୀଙ୍କୁ ନିର୍ଦ୍ଧାରିତ ଟଙ୍କା ଉପଯୁକ୍ତ ସ୍ଥାନରେ ରଖି ଦେଇଛନ୍ତି, ସେଥିରୁ ମୁକ୍ତ ହୋଇ ସ୍ୱଦେଶକୁ ପ୍ରତ୍ୟାବର୍ତନ କରିଛନ୍ତି । ପରେ ଜଣାପଡିଛି ଯେ ପଚିଶଶହ ଡଲାର୍ ନେଇଥିବା ଲୋକ ହେଉଛନ୍ତି ମିସେସ୍ ଶର୍ମା ଓ ତାଙ୍କ ସ୍ୱାମୀ ମିଷ୍ଟର ଶର୍ମା ।ଏହିପରି ଖରାପ୍ କର୍ମରେ ଲିପ୍ତ ରହିବା ସହ ନାବାଳକ ରପ୍ତାନୀ ବ୍ୟବସାୟ ପରି ଘୃଣିତ କାର୍ଯ୍ୟକୁ ଆପଣାଇବାକୁ ପଶ୍ଚାଦ୍‌ପଦ ଦେଇ ନାହାନ୍ତି । ଏ ଅପରାଧରେ ଜେଲ ଯାଇଛନ୍ତି ; ମାତ୍ର ଜେଲ୍ ଯିବାର କେତେ ଘଂଟା ପରେ ମୁକୁଳି ଆସିଛନ୍ତି । ସେ ଦୋଷ ଲାଗିଛି ପିଲାଙ୍କ ଉପରେ ଯେ , ସେମାନେ ବିନା ଅନୁମତିରେ ବିମାନ ଭିତରକୁ ପଶି ଆସିଥିଲେ ବୋଲି । ସାଂପ୍ରତିକ ସମୟରେ ଧନଶାଳୀ ବ୍ୟକ୍ତି ଯେତେ ଅପରାଧ କଲେ ମଧ୍ୟ ତାହା କ୍ଷମଣୀୟ । କାରଣ ସବୁ କ୍ଷମତାର ବଳ । ଯାହା ନିକଟରେ ଟଙ୍କା ଅଛି ସେ ସେଇ କ୍ଷମତାର ଅଧିକାରୀ,

ଏଇ କାରଣରୁ ମିଷ୍ଟର ଶର୍ମା ମୁକ୍ତ ହୋଇଛନ୍ତି । ଶର୍ମା ଦମ୍ପତ୍ତି ଯେଉଁ ବୃତ୍ତିକୁ ଶ୍ରେୟ କରିଛନ୍ତି ତାହା କୌଣସି ଆତଙ୍କବାଦୀଙ୍କ ଠାରୁ କମ୍ ନୁହେଁ । ଶର୍ମା ଦମ୍ପତ୍ତି ଭଳି ଚରିତ୍ରଙ୍କ ସହ ସମାଜରେ ଜୀବନ ବଂଚିବା ଦୁର୍ବିସହ ହୋଇ ପଡିଛି ।

'ବଡ ମଣିଷଙ୍କ ପାଇଁ ଚାରୋଟି ପିଲାଙ୍କ କାହାଣୀ'ରେ ରହିଥିବା ସାଧୁତାର ପୁରସ୍କାର ଗଳ୍ପରେ ଜଣେ ବଡ ମଣିଷ ଉପଢୌକନ କିଣିବା ପାଇଁ ଦାମୀ ଚୋରା ଜିନିଷ ମିଳୁଥିବା ଦୋକାନରେ ପହଂଚିଛନ୍ତି । ସତର ହଜାର ନଅ ଶହ ଅଣାନବେ ଟଙ୍କାର ଉପଢୌକନ ବାଛିଛନ୍ତି, ପଇସା ଦେବା ବେଳକୁ ମନିପର୍ସ ନାହିଁ । ଦୋକାନୀ ବିଚଳିତ ହେବାର ଅଭିନୟ କରି ପଇସା ଦେବାକୁ ମନା କରିଛି , ଉପହାର ଧରି ବଡ ମଣିଷଜଣକ ଯିବା ବେଳକୁ ଜଗୁଆଳି ମନିପର୍ସ ଆଣି ଦେଇଛି । ପଇସା ଦେଇ ସେ ବଡ ମଣିଷ ଦୋକାନରୁ ବାହାରି ଯାଇଛନ୍ତି , ପରେ ଦୋକାନୀ ସେ ଜଗୁଆଳିକୁ କିଛି ଟଙ୍କା ଦେଇଛି । ବଡ ମଣିଷ ଦୋକାନକୁ ଯିବା ବେଳେ ଜାଣି ଶୁଣି ଗାଡିରେ ମନିପର୍ସ ରଖିଦେଇ ଯାଇଛନ୍ତି । ପଇସା ଥିବା ସତ୍ୱେ ସେ ଦେବାକୁ ଅନିଚ୍ଛୁକ କାରଣ ସେ ସତ୍‌ତାରେ ଅଛନ୍ତି ବୋଲି ଏ ମନୋଭାବ ସୃଷ୍ଟି ହୋଇଛି । କଥାକାର ହୃଷୀକେଶ ପଣ୍ଡା ଗୋଟିଏ କଥା ସ୍ପଷ୍ଟ କରିଛନ୍ତି ଯେ ,ଏ ଅସାଧୁ ଉପାୟ ଅବଲମ୍ବନ ମଣିଷ ମୌଳିକ କର୍ତବ୍ୟରୁ ନିବୃତର ସୂଚନା ।

'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପରେ ଗାଳ୍ପିକ ଗୋରା ଲୋକ ଓ ଭାରତୀୟମାନଙ୍କ ସମ୍ପର୍କରେ ସୁନ୍ଦର ତୁଳନା କରିଛନ୍ତି । ବିଦେଶୀମାନଙ୍କ କାର୍ଯ୍ୟକଳାପକୁ ଘୃଣିତ ଦୃଷ୍ଟିରେ ଦେଖିବା ସହ ଭାରତୀୟ ମହନୀୟତାକୁ ଦେଖାଇଛନ୍ତି । ସେ ସମ୍ପର୍କରେ କହୁଛନ୍ତି- "ମୁଁ ତୁମକୁ ଆମ ଦାରିଦ୍ର୍ୟ ଓ ଦୁଃଖ କଥା କହୁଛି, ଭଲ କଥା ନ କହି ? .... ଆମ ଦେଶ ଧର୍ମଯୁଦ୍ଧର ଦେଶ,ରାମାୟଣର ଦେଶ, ଆଉ ଗାନ୍ଧୀର ଦେଶ ।" (୭) । ଅଧୁନା ଆମ ଭାରତୀୟମାନେ ପାଶ୍ଚାତ୍ୟ ଜୀବନ ଶୈଳୀକୁ ଆପଣାଇ ନେଉଛନ୍ତି, ଯେତେବେଳେ ଅନ୍ୟ ଦେଶର ଲୋକମାନେ ଆମ ସଂସ୍କୃତି ଓ ପରମ୍ପରାକୁ ଗ୍ରହଣ କରି ବସିଲେଣି । ପାଶ୍ଚାତ୍ୟ ଜୀବନ ଠାରୁ ମହାଭାରତୀୟ ଜୀବନ ଶୈଳୀ କେତେ ନିଆରା ତାହା ପ୍ରଦର୍ଶିତ । ମାନବ ଜୀବନରେ ରହିଥିବା ଦୁଃଖ, ଅସହାୟ ଓ ଶୂନ୍ୟତାର ପଶ୍ଚାତରେ ପୂର୍ଣ୍ଣତା ଏବଂ ଦୁଃଖର ପଛ ପଟରେ ଆନନ୍ଦର ଉପସ୍ଥିତି ଯେ ଭରି ରହିଛି ତାହା ଏ ଗଳ୍ପରେ ସୂଚିତ । ଏ ବିଷୟରେ ଔପନ୍ୟାସିକ ଗୋପୀନାଥ ମହାନ୍ତି 'ଅମୃତର ସନ୍ତାନ'ରେ କୁହନ୍ତି- ''ଜୀବନରେ ସୁଆଦ ଅଛି ,ମରଣ ନାହିଁ , ଦୁଃଖ ନାହିଁ ।'' (୮) । ଏଣୁ ପାଶ୍ଚାତ୍ୟ ଜୀବନ ଶୈଳୀକୁ ଅନୁସରଣ କରିବା ଅପେକ୍ଷା ମହାଭାରତୀୟ ଦର୍ଶନରେ ନିଜକୁ ନିୟୋଜିତ କରିବାର ଅର୍ଥ ଶୂନ୍ୟତାର ଆଢୁଆଳରେ ରହିଥିବା ଆନନ୍ଦ ଓ ପୂର୍ଣ୍ଣତାର ଆବିଷ୍କାର କରିବା ।

ସାଂପ୍ରତିକ ସମୟର ଗାଳ୍ପିକ ହୃଷୀକେଶ ପଣ୍ଡାଙ୍କ 'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପ ସଙ୍କଳନ ଅନନ୍ୟ । ଭାବ ଓ ଭାଷା ଶୈଳୀରେ ନୂତନତା, ମନନଶୀଳ ଚିନ୍ତା ଚେତନା ପାଠକକୁ ଆକର୍ଷିତ କରି ପାରିଛି । ଏଥିରେ ସଂକଳିତ ହୋଇଥିବା ଗଳ୍ପଗୁଡିକରେ ମାନବ ଜୀବନକୁ ଯେପରି ଭାବରେ ଖଞ୍ଜି ଦେଇଛନ୍ତି ତାହା ନିତାନ୍ତ ପ୍ରଶଂସନୀୟ । ଭାରତୀୟ ମାନବ ଜୀବନ , ସମଗ୍ର ଦେଶବାସୀ ଓ ପାଠକ ସମାଜ ପ୍ରତି ଧେୟ ହେଉ ଏହା ଗାଳ୍ପିକଙ୍କର ଲେଖନୀ ମୁନର ଶକ୍ତ ଆହ୍ୱାନ ।

**ସଂକେତ ସୂଚୀ :**


୧. ଖୁଂଟିଆ, ବ୍ରହ୍ମାନନ୍ଦ । ସ୍ୱାଧୀନତା ପରବର୍ତ୍ତୀ ପ୍ରମୁଖ ଗଳ୍ପସ୍ରଷ୍ଟା, ନବଦିଗନ୍ତ, ବିନୋଦବିହାରୀ ,କଟକ-୨ ,୨ୟ ସଂ - ୨୦୧୯, ପୃ - ୫୪୯ ।

୨. ପଣ୍ଡା, ହୃଷୀକେଶ । ଗଳ୍ପ ସମଗ୍ର ,ଫ୍ରେଣ୍ଡସ୍ ପବ୍ଲିଶର୍ସ,ବିନୋଦବିହାରୀ,କଟକ-୨ , ୧ମ ସଂ-୨୦୧୫, ପୃ -୧୭୦ ।

୩. ମହାନ୍ତି, ଗୋପୀନାଥ । ଲୟ ବିଲୟ, ବିଦ୍ୟାପୁରୀ, ବାଲୁବଜାର, କଟକ - ୭୫୩୦୦୨, ୫ମ ମୁଦ୍ରଣ-୨୦୧୮, ପୃ- ୩୬ ।

୪. ମହାନ୍ତି, ସୁରେନ୍ଦ୍ର । ମରାଳର ମୃତ୍ୟୁ ଗଳ୍ପ ସଂକଳନ,ନୀଳଜ୍ୟୋସ୍ନା, କଟକ ଷ୍ଟୁଡେଂଟ ଷ୍ଟୋର୍, ବାଲୁ ବଜାର ,କଟକ-୭୫୩୦୦୨, ୬ଷ୍ଠ ସଂ-୨୦୧୯, ପୃ-୩୯ ।

୫. ଦାସ, ମନୋଜ । ମନୋଜ ଦାସଙ୍କ କଥା ଓ କାହାଣୀ, ବିଷ କନ୍ୟାର କାହାଣୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧ମ ସଂ - ୧୯୭୧, ପୃ-୧୬୦ ।

୬. ପଣ୍ଡା, ହୃଷୀକେଶ । ଗଳ୍ପ ସମଗ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨, ୧ମ ସଂ -୨୦୧୫, ପୃ - ୨୨୪ ।

୭. ତତ୍ରୈବ, ପୃ-୨୬୪ ।

୮. ମହାନ୍ତି, ଗୋପୀନାଥ । ଅମୃତର ସନ୍ତାନ, ବିଦ୍ୟାପୁରୀ, ବାଲୁବଜାର କଟକ -୭୫୩୦୦୨,୭ମ ସଂ - ୨୦୦୮, ପୃ- ୪୬୮ ।